# *ଅବକାରୀ ବିଭାଗର ସଫଳତା*

ଜନସାଧାରଣଙ୍କୁ ମାଦକ ଦ୍ରବ୍ୟ ସେବନରୁ ନିବୃତ୍ତ କରିବା ସରକାରଙ୍କର ପ୍ରକାଶ୍ୟ ନୀତି ହୋଇଥିଲେ ମଧ୍ୟ ଅପମିଶ୍ରିତ ମଦ୍ୟ କାରବାର ରୋକିବା ଏବଂ ରାଜ୍ୟର ଅଧିକ ସମ୍ବଳ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାର ଏପରି ଏକ ନୀତି ନିର୍ଦ୍ଧାରଣ କରିଛନ୍ତି, ଯାହା ଦ୍ୱାରା କି ମଦ୍ୟ ପ୍ରସ୍ତୁତି, ଏହାର ପାତନ ଓ କାରବାର ସରକାରଙ୍କର କଡା ତତ୍ତ୍ୱାବଧାନରେ ନିୟନ୍ତ୍ରଣ କରାଯାଉଛି ଏବଂ ଏହା ସାମାଜିକ ମୂଲ୍ୟବୋଧକୁ ପ୍ରଭାବିତ ନ କରି ଯଥେଷ୍ଟ ପରିମାଣର ରାଜସ୍ୱ ଆଦାୟ କରିବାରେ ସହାୟକ ହୋଇଛି।

ଚୋରାମଦ କାରବାରକୁ ପ୍ରତିହତ କରିବା ଓ ସମ୍ଭାବ୍ୟ ମଦ ମୃତ୍ୟୁକୁ ରୋକିବା ନିମନ୍ତେ ୨୦୦୬-୦୭ ଆର୍ଥିକ ବର୍ଷରେ ବିହାର ଓ ଓଡିଶା ଅବକାରୀ (ସଂଶୋଧନ)ଆଇନ, ୨୦୦୬ ଜରିଆରେ ଅବକାରୀ ଅପରାଧ ନିମନ୍ତେ ଦଣ୍ଡବିଧି ଗୁଡିକୁ ଅଧିକ କଠୋର କରାଯାଇଛି। ଏହି ଦଣ୍ଡ ବିଧିଆଇନକୁ ଅନେକାଂଶରେ ଜାମିନବିହୀନ କରାଯାଇଛି । ଅବକାରୀ ଅଧିକାରୀ ମାନଙ୍କୁ ପୋଲିସ୍ କ୍ଷମତା ପ୍ରଦାନ କରାଯାଇଛି । ମଦ ବେପାରୀ ମାନଙ୍କ ଅସାଧୁମେଣ୍ଟ ଭାଙ୍ଗିବାପାଇଁ ସରକାରୀ ସଂସ୍ଥା ମାନଙ୍କୁ ବିନା ଲାଇସେନ୍ସରେ ଅବକାରୀ ଦୋକାନ ଖୋଲିବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ବିହାର ଓ ଓଡିଶା ଅବକାରୀ (ସଂଶୋଧନ) ଆଇନ, ୨୦୦୬ ବହୁତ ସୁଫଳ ପ୍ରଦାନ କରିଛି । ମଦ ମାଫିଆ ମାନେ ମଦର ଚୋରାକାରବାର କରିବାକୁ ଭୟ କରୁଛନ୍ତି ।

ଭାରତ ପ୍ରସ୍ତୁତ ବିଦେଶୀ ମଦ ଓ ଦେଶୀ ମଦର ପାଇକାରୀ ବ୍ୟବସାୟକୁ ସରକାର ୨୦୦୧ ମସିହାରୁ ଓଡିଶା ରାଜ୍ୟ ପାନୀୟ ନିଗମ ଜରିଆରେ ହାତକୁ ନେଇଛନ୍ତି। ଏହା ଅବୈଧ ମଦ କାରବାରକୁ ରୋକିବାରେ ଯଥେଷ୍ଟ ସାହାଯ୍ୟ କରିଛି । ଫଳରେ ଅବକାରୀ ରାଜସ୍ୱ ଅନେକ ପରିମାଣରେ ବୃଦ୍ଧି ଘଟିଛି । ବିଗତ ତିନିବର୍ଷର ଅବକାରୀ ରାଜସ୍ୱ ଆଦାୟର ପରିମାଣ ନିମ୍ନରେ ପ୍ରଦାନ କରାଗଲା ।

| | | |
|---|---|---|
| ୨୦୦୪-୦୫ | - | ଟ.୩୦୬.୬୧ କୋଟି |
| ୨୦୦୫-୦୬ | - | ଟ.୩୮୯.୨୦ କୋଟି |
| ୨୦୦୬-୦୭ | - | ଟ.୪୩୦.୧୨ କୋଟି |
| ୨୦୦୭-୦୮ | - | ଟ.୫୨୪.୮୩ କୋଟି |

*-ପରପୃଷ୍ଠା ଦ୍ରଷ୍ଟବ୍ୟ*

ପୁନଶ୍ଚ ଅବକାରୀ ଧରପଗଡ କାର୍ଯ୍ୟକ୍ରମକୁ ମଧ୍ୟ କଡାକଡି କରାଯାଇଛି । ଜିଲ୍ଲାପାଳ ଓ ପୋଲିସ ଅଧିକ୍ଷକ ମାନଙ୍କୁ ସଂଦିଗ୍ଧ ଅବୈଧ ମଦରନ୍ଧା କେନ୍ଦ୍ରମାନଙ୍କ ଉପରେ ତୀକ୍ଷ୍ଣଦୃଷ୍ଟି ରଖିବା ଓ ବିଷାକ୍ତ ମଦ କାରବାରକୁ ପ୍ରତିହତ କରିବାପାଇଁ ଦିର୍ଦ୍ଦେଶ ଦିଆଯାଇଛି । ଧରପଗଡକୁ ଅଧିକ ଫଳପ୍ରଦ କରିବାପାଇଁ ପୋଲିସ୍ ଓ ଅବକାରୀ କର୍ମଚାରୀମାନଙ୍କ ଦ୍ୱାରା ଜିଲ୍ଲାସ୍ତରରେ ଚୋରାମଦ ପ୍ରସ୍ତୁତି ଯୋଗାଣ ଓ ବିକ୍ରୟକୁ ରୋକିବା ନିମନ୍ତେ ମିଳିତ ଭାବେ ଚଡାଉ କରାଯାଉଛି। ସମଗ୍ର ରାଜ୍ୟରେ ଅବକାରୀ ବିଭାଗ ଦ୍ୱାରା ବେଆଇନ ଗଞ୍ଜେଇ ଗଛ ନଷ୍ଟ କରିବା ପାଇଁ ବ୍ୟାପକ ଚଡାଉ କରାଯାଉଛି।

ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡିଶା ଅବକାରୀ ବିଲ୍, ୨୦୦୫ ନାମକ ଏକ ନୂତନ ଚିଠା ବିଲ୍ ମାନ୍ୟବର ଓଡିଶା ବିଧାନ ସଭାରେ ଉପସ୍ଥାପିତ କରାଯାଇଛି। ମାନ୍ୟବର ବିଧାନସଭା ଉକ୍ତ ବିଲ୍‌କୁ ବିଧାନସଭାର ସିଲେକ୍ଟ କମିଟି ନିକଟକୁ ବିଚାରାର୍ଥେ ପ୍ରେରଣ କରିଛନ୍ତି। ବିଭିନ୍ନ ରାଜ୍ୟ ପରିଦର୍ଶନ କରି ସିଲେକ୍ଟ କମିଟି, ଆବଶ୍ୟକୀୟ ସଂଶୋଧନ ସହ ଏହି ବିଲ୍‌ଟିକୁ ଚୂଡାନ୍ତ ରୂପରେଖ ଦେଇଛନ୍ତି। ଆଗାମୀ ବିଧାନସଭା ଅଧିବେଶନରେ ମାନ୍ୟବର ଗୃହର ଅନୁମୋଦନ ପରେ ଏହା ନୂତନ ଆଇନରେ ପରିଣତ ହେବ।